# NATIONAL NEWS BULLETIN (ODIA)
## 26th January - 2026
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- 'ସ୍ୱତନ୍ତ୍ରତାର ମନ୍ତ୍ର: ବନ୍ଦେ ମାତରମ୍' ଏବଂ 'ସମୃଦ୍ଧିର ମନ୍ତ୍ର : ଆତ୍ମନିର୍ଭର ଭାରତ'ର ବାର୍ତ୍ତା ନେଇ ଆଜି ସମଗ୍ର ଦେଶରେ ପାଳିତ ହେଲା ୭୭ତମ ଗଣତନ୍ତ୍ର ଦିବସ ସମାରୋହ ।

- ଦେଶର ସଶକ୍ତ ଗଣତାନ୍ତ୍ରିକ ବ୍ୟବସ୍ଥା, ସମୃଦ୍ଧ ଐତିହ୍ୟ ଓ ଏକତାର ଶକ୍ତି ଆଜିକାର ଗଣତନ୍ତ୍ର ଦିବସ ପରେଡ୍‌ରେ ପ୍ରତିଫଳିତ ହୋଇଛି, କହିଲେ ପ୍ରଧାନମନ୍ତ୍ରୀ ।

- ସାଧାରଣତନ୍ତ୍ର ଦିବସ ଅବସରରେ ଭାରତକୁ ଶୁଭେଚ୍ଛା ଜଣାଇଲେ ବିଶ୍ୱ ନେତୃବୃନ୍ଦ ।

- ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନକରି ସରକାର ଶତ ପ୍ରତିଶତ ଡାଲିଜାତୀୟ ଫସଲ ସଂଗ୍ରହ କରିବେ; ପ୍ରତିଶ୍ରୁତି ଦେଲେ କୃଷି ମନ୍ତ୍ରୀ ।

ଏବଂ

- ଡବ୍ଲ୍ୟୁ.ପି.ଏଲ୍.ର ଆଜିକାର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍‌ସ ବିପକ୍ଷରେ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରର ନିଷ୍ପତ୍ତି ।

# ରିପବ୍ଲିକ୍ ଡେ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନେତୃତ୍ୱରେ ଆଜି ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ଦେଶର ୭୭ତମ ଗଣତନ୍ତ୍ର ଦିବସ ସମାରୋହ ପାଳିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜାତୀୟ ଯୁଦ୍ଧ ସ୍ମାରକୀଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ଏହି ସମାରୋହ ଆରମ୍ଭ ହୋଇଥିଲା । ଆଜିକାର ସମାରୋହରେ ପ୍ରଥମ ଥରଲାଗି ଦୁଇଜଣ ମୁଖ୍ୟଅତିଥି ଯୋଗ ଦେଇଥିଲେ । ଏହି ଦୁଇ ଅତିଥି ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଓ ୟୁରୋପୀୟ କମିଶନ୍’ର ଅଧ୍ୟକ୍ଷ ଉର୍ସୁଲା ଭୋନ୍ ଡେର୍ ଲେୟେନ୍’ ରାଷ୍ଟ୍ରପତି ମୁର୍ମୁଙ୍କ ସହିତ ସମାରୋହ ସ୍ଥଳରେ ପହଞ୍ଚିଥିଲେ । ଏହି ଅବସରରେ ଅନୁଷ୍ଠିତ ଆକର୍ଷଣୀୟ ପରେଡରେ ଦେଶର ସାଂସ୍କୃତିକ ବିବିଧତା ଏବଂ ସାମରିକ ଶକ୍ତିର ଏକ ଅନନ୍ୟ ମିଶ୍ରଣ ଦେଖିବାକୁ ମିଳିଥିଲା। ଚଳିତ ବର୍ଷର ବିଷୟବସ୍ତୁ ହେଉଛି ‘ସ୍ୱତନ୍ତ୍ରତାର ମନ୍ତ୍ର: ବନ୍ଦେ ମାତରମ୍’ ଏବଂ ‘ସମୃଦ୍ଧିର ମନ୍ତ୍ର :

ଆତ୍ମନିର୍ଭର ଭାରତ'। ପରେଡ ସମୟରେ ବିଭିନ୍ନ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଏବଂ କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟ ଏବଂ ବିଭାଗର ୩୦ଟି ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥିଲା। ଏହି ପ୍ରଜ୍ଞାପନ ମେଢ଼ଗୁଡ଼ିକ ୧୫୦ ବର୍ଷର ଜାତୀୟ ଗୀତ 'ବନ୍ଦେ ମାତରମ୍'ର ଏକ ଅନନ୍ୟ ମିଶ୍ରଣ ଏବଂ ବିଭିନ୍ନ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ବୃଦ୍ଧି ସହିତ ଦେଶର ଦ୍ରୁତ ପ୍ରଗତି ପ୍ରଦର୍ଶନ କରି ଦେଶର ସାଂସ୍କୃତିକ ବିବିଧତାକୁ ପ୍ରଦର୍ଶିତ କରିଥିଲା। ଅପରେସନ ସିନ୍ଦୂର ସମୟରେ ଭାରତୀୟ ସେନା ଦ୍ୱାରା ବ୍ୟବହୃତ ପ୍ରମୁଖ ଅସ୍ତ୍ର ପ୍ରଣାଳୀର ପ୍ରତିକୃତି ପ୍ରଦର୍ଶିତ କରୁଥିବା ଏକ ତ୍ରି-ସେବା ପ୍ରଜ୍ଞାପନ ମେଢ଼ ପରେଡରେ ମୁଖ୍ୟ ଆକର୍ଷଣ ସାଜିଥିଲା। ସମାରୋହ ପ୍ରାରମ୍ଭରେ ରାଷ୍ଟ୍ରପତି ମୁର୍ମୁ ଜାତୀୟ ପତାକା ଉତ୍ତୋଳନ କରିବା ପରେ ଭାରତୀୟ ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଳାଙ୍କୁ ଦେଶର ସର୍ବୋଚ୍ଚ ଶାନ୍ତିକାଳୀନ ସାହସିକତା ପୁରସ୍କାର 'ଅଶୋକ ଚକ୍ର'ରେ ସମ୍ମାନିତ କରିଥିଲେ ।

## ପି.ଏମ୍. - ରିପବ୍ଲିକ୍ ଡେ

ଭାରତ ଗର୍ବ ଓ ଉତ୍ସାହର ସହ ଆଜି ଗଣତନ୍ତ୍ର ଦିବସ ପାଳନ କରୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମତବ୍ୟକ୍ତ କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି,

ଦିଲ୍ଲୀର କର୍ତ୍ତବ୍ୟପଥରେ ଆଜିକାର ଆକର୍ଷଣୀୟ ପରେଡ୍ ମଧ୍ୟମରେ ଦେଶର ସଶକ୍ତ ଗଣତାନ୍ତ୍ରିକ ବ୍ୟବସ୍ଥା, ସମୃଦ୍ଧ ଐତିହ୍ୟ ଏବଂ ଦେଶକୁ ଏକତାସୂତ୍ରରେ ବାନ୍ଧି ରଖିବାର ଶକ୍ତି ପ୍ରତିଫଳିତ ହୋଇଛି । ଏତଦ୍‌ବ୍ୟତୀତ ଦେଶର ନାଗରିକଙ୍କୁ ସୁରକ୍ଷା ଦେବା ଦିଗରେ ସରକାରଙ୍କ ପ୍ରତିବଦ୍ଧତା ଓ ଦେଶର ପ୍ରସ୍ତୁତି ମଧ୍ୟ ଏହି ପରେଡ୍‌ଦ୍ୱାରା ପ୍ରଦର୍ଶିତ ହୋଇଛି ବୋଲି ଶ୍ରୀ ମୋଦି କହିଛନ୍ତି । ସେ କହିଛନ୍ତି, ଆଜିର ସମାରୋହରେ ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋସ୍ତା ଏବଂ ୟୁରୋପୀୟ କମିଶନ୍'ର ଅଧ୍ୟକ୍ଷ ଉର୍ସୁଲା ଭୋନ୍ ଡେର୍ ଲେୟେନ୍‌ଙ୍କ ଉପସ୍ଥିତି ଗଣତନ୍ତ୍ର ଦିବସର ମର୍ଯ୍ୟାଦା ବୃଦ୍ଧି କରିଛି । ସେମାନଙ୍କର ଉପସ୍ଥିତି ଦ୍ୱାରା ଭାରତ-ୟୁରୋପୀୟ ସଂଘ ଭାଗିଦାରୀ ଶକ୍ତି ଓ ଆପୋଷ ମୂଲ୍ୟବୋଧ ପ୍ରତି ଆମର ପ୍ରତିବଦ୍ଧତା ପ୍ରତିଫଳିତ ହେଉଛି । ବିଭିନ୍ନ କ୍ଷେତ୍ରରେ ଭାରତ ଓ ୟୁରୋପ ମଧ୍ୟରେ ଥିବା ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ସେମାନଙ୍କ ଭାରତ ଗସ୍ତ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

## ୱାର୍ଲଡ ଲିଡର୍ସ - ଆର୍. ଡେ

ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ, ଚୀନ ରାଷ୍ଟ୍ରପତି ଷି ଜିନ୍‌ପିଙ୍ଗ୍ ଓ ଫ୍ରାନ୍‌ସ ରାଷ୍ଟ୍ରପତି ଏମାନୁଲ୍ ମାକ୍ରନ ୭୭ତମ ଗଣତନ୍ତ୍ର ଦିବସ

ଅବସରରେ ଭାରତକୁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ଟ୍ରମ୍ପ’ ନୂଆଦିଲ୍ଲୀ ଓ ୱାଶିଂଟନ୍‌କୁ ବିଶ୍ୱର ପୁରାତନ ଓ ସର୍ବବୃହତ୍ ଗଣତାନ୍ତ୍ରିକ ବ୍ୟବସ୍ଥା ଭାବେ ଅଭିହିତ କରିବା ସହିତ ବିଶ୍ୱସ୍ତରରେ ଭାରତର ବର୍ଦ୍ଧିଷ୍ଣୁ ନେତୃତ୍ୱକୁ ପ୍ରଶଂସା କରିଛନ୍ତି ।

ଚୀନ ରାଷ୍ଟ୍ରପତି ତାଙ୍କର ଭାରତୀୟ ପ୍ରତିପକ୍ଷ ଦ୍ରୌପଦୀ ମୁର୍ମୁଙ୍କୁ ଦେଇଥିବା ଅଭିନନ୍ଦନ ବାର୍ତ୍ତାରେ’ ଉଭୟ ଦେଶ ମଧ୍ୟରେ ଗତ କିଛିବର୍ଷ ମଧ୍ୟରେ ସମ୍ପର୍କରେ ହୋଇଥିବା ଉନ୍ନତି ଉପରେ ଆଲୋକପାତ କରିଛନ୍ତି । ଏହାଦ୍ୱାରା ଉଭୟ ଦେଶ ଏବଂ ଦେଶବାସୀଙ୍କର ମୌଳିକ ସ୍ୱାର୍ଥ ବଜାୟ ରହିବ ବୋଲି ଉଲ୍ଲେଖ କରିଛନ୍ତି । ବିଶେଷକରି ବିଶ୍ୱରେ ଶାନ୍ତି ଓ ସମୃଦ୍ଧିକୁ ପ୍ରୋତ୍ସାହନ ଦେବା ଦିଗରେ ଭାରତ ଓ ଚୀନ୍ ସମ୍ପର୍କ ଅନେକ ଗୁରୁତ୍ୱ ବହନ କରେ ବୋଲି ଚୀନ୍ ରାଷ୍ଟ୍ରପତି ଉଲ୍ଲେଖ କରିଛନ୍ତି ।

ଫ୍ରାନ୍‌ସ ରାଷ୍ଟ୍ରପତି ଶ୍ରୀ ମାକ୍ରନ୍’ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ନିଜର ଅଭିନନ୍ଦନ ବାର୍ତ୍ତା ଏବଂ ୨୦୨୪ ମସିହାରେ ୭୫ତମ ଭାରତୀୟ ଗଣତନ୍ତ୍ର ଦିବସ ପାଳନ ସମାରୋହରେ ସେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ନିଆଯାଇଥିବା ସେଲ୍‌ଫିକୁ ମଧ୍ୟ ଶେୟାର କରିଛନ୍ତି ।

# ପି.ଏମ୍. - ରାଜନାଥ ଆର୍ଟିକିଲ୍

କେନ୍ଦ୍ର ସରକାର ଦେଶରେ ଏକ ନାଗରିକ କୈନ୍ଦ୍ରିକ ଶାସନ ବ୍ୟବସ୍ଥା ଉପରେ ପ୍ରାଥମିକତା ଦେଇ କାର୍ଯ୍ୟ କରୁଛନ୍ତି ବୋଲି ପ୍ରଧାମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କର ଏକ ଲେଖା ଶେୟାର୍ କରି ଶ୍ରୀ ମୋଦି କହିଛନ୍ତି, ଦେଶର ଗଣତନ୍ତ୍ର' ସାମାଜିକ ନ୍ୟାୟ ଦିଗରେ ଅଗ୍ରଗତି ହେଉଥିବାବେଳେ ଏକ ସମାବେଶୀ ଅର୍ଥନୈତିକ ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ସକ୍ଷମ ହୋଇପାରିଛି । ଏହି ମିଳିତ ପ୍ରଚେଷ୍ଟାଦ୍ୱାରା ଆମ ସମ୍ବିଧାନର ମୂଳ ଆଭିମୁଖ୍ୟ ଥିବା ଏକ କଲ୍ୟାଣମୂଳକ ଗଣତାନ୍ତ୍ରିକ ବ୍ୟବସ୍ଥା ଦେଶରେ କାର୍ଯ୍ୟକାରୀ କରିବା ଦିଗରେ ସରକାର ସଫଳ ହୋଇଛନ୍ତି । ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ନିଜ ଲେଖାରେ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶର ବିକାଶମୂଳକ ଯାତ୍ରା ଉପରେ ଆଲୋକପାତ କରିଛନ୍ତି । ବିଶେଷକରି 'ଜନସାଧାରଣ ପ୍ରଥମ ଗଣତନ୍ତ୍ର' ଭାବେ ଦେଶର ଯାତ୍ରା ଉପରେ ଆଲୋକପାତ କରି ଭାରତରେ ଗଣତନ୍ତ୍ର କେବଳ ଜନସାଧାରଣଙ୍କର ଏବଂ ଜନସାଧାରଣଙ୍କଦ୍ୱାରା ନୁହେଁ; ବରଂ ଜନସାଧାରଣଙ୍କ ନିମନ୍ତେ ଏକ ସଶକ୍ତ ବ୍ୟବସ୍ଥା ରୂପେ ଉଭା ହୋଇଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ନିଜ ଲେଖାରେ ଉଲ୍ଲେଖ କରିଛନ୍ତି ।

## ଏମ୍.ଇ.ଏ. - ରିପବ୍ଲିକ୍ ଡେ

ଦେଶର ୭୭ତମ ଗଣତନ୍ତ୍ର ଦିବସ ପାଳନ ସମାରୋହରେ ୟୁରୋପୀୟ ପରିଷଦ ଅଧ୍ୟକ୍ଷ ଆଣ୍ଟୋନିଓ କୋସ୍ତା ଏବଂ ୟୁରୋପୀୟ କମିଶନ୍'ର ଅଧ୍ୟକ୍ଷ ଉର୍ସୁଲା ଭୋନ୍ ଡେର୍ ଲେୟେନ୍‌ଙ୍କ ଉପସ୍ଥିତିକୁ ଭାରତ ଓ ୟୁରୋପୀୟ ସଂଘ ସମ୍ପର୍କରେ ଏକ ମାଇଲ୍‌ଖୁଣ୍ଟ ଭାବେ ଭାରତ ଅଭିହିତ କରିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସାମାଜିକ ଗଣମାଧ୍ୟମରେ କରାଯାଇଥିବା ପୋଷ୍ଟରେ ଏହି ସୂଚନା ଦିଆଯାଇଛି । ମନ୍ତ୍ରଣାଳୟ କହିଛି, ଆଜିକାର ସମାରୋହକୁ ଏହି ଦୁଇ ସମ୍ମାନନୀୟ ଅତିଥି' ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ଉପଭୋଗ କରିଛନ୍ତି । ଏତଦ୍‌ବ୍ୟତୀତ ପ୍ରଥମ ଥରଲାଗି ଆଜିକାର ଏହି ଗଣତନ୍ତ୍ର ଦିବସ ପରେଡ୍‌ରେ ୟୁରୋପୀୟ ସଂଘର ସାମରିକ ବାହିନୀ, ଆଟ୍‌ଲାଣ୍ଟା ନୌବାହିନୀ ଓ ଆସ୍‌ପାଇଡ୍ ନୌବାହିନୀର ଏକ ମିଳିତ ସୈନ୍ୟବାହିନୀ ଅଂଶଗ୍ରହଣ କରିଥିଲେ ବୋଲି ମନ୍ତ୍ରଣାଳୟ କହିଛି ।

## ଶିବରାଜ - ଫାର୍ମର୍ସ

ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନକରି ସରକାର ଶତ ପ୍ରତିଶତ ଡାଲିଜାତୀୟ ଫସଲ ସଂଗ୍ରହ କରିବେ ବୋଲି  କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ଘୋଷଣା କରିଛନ୍ତି । ଆଜି ନୂଆଦିଲ୍ଲୀରେ ୭୭ତମ ଗଣତନ୍ତ୍ର ଦିବସ ପାଳନ ଅବସରରେ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ କୃଷକମାନଙ୍କ ସହିତ ଭାବ ବିନିମୟ ସମୟରେ ସେ ଏହା କହିଛନ୍ତି । ଶ୍ରୀ ଚୌହାନ କହିଛନ୍ତି, ଦେଶର ୭୦ ପ୍ରତିଶତ ଜନସଂଖ୍ୟା ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ କୃଷି ଓ ଏହାର ଆନୁଷଙ୍ଗିକ କାର୍ଯ୍ୟ ସହିତ ଜଡ଼ିତ । କୃଷି’ ଭାରତର ଅର୍ଥନୈତିକ ବ୍ୟବସ୍ଥାର ମେରୁଦଣ୍ଡ ରୂପେ କାର୍ଯ୍ୟ କରିଆସୁଛି । ଭାରତ ବର୍ତ୍ତମାନ ଚୀନ୍‌କୁ ପଛରେ ପକାଇ ବିଶ୍ୱର ସର୍ବବୃହତ୍ ଧାନ ଉତ୍ପାଦକ ଦେଶ ଭାବେ ପରିଗଣିତ ହୋଇଛି । ଏଥିସହିତ ଚାଉଳ ରପ୍ତାନୀ ଉପରେ ଥିବା ପ୍ରତିବନ୍ଧକକୁ ମଧ୍ୟ ହଟାଇ ଦିଆଯାଇଛି । ଫଳରେ ଚାଷୀମାନଙ୍କୁ ବିଶେଷକରି ବାସୁମତୀ ଚାଉଳ ଉପରେ ଅଧିକ ପ୍ରାପ୍ୟ ପ୍ରଦାନ କରାଯାଇପାରିବ । ଏଥିସହିତ ଘରୋଇ ଉତ୍ପାଦକମାନଙ୍କ ସୁରକ୍ଷା ଦେବା ଲାଗି ସରକାର ଡାଲିଜାତୀୟ ଶସ୍ୟ ଉପରେ ୩୦ ପ୍ରତିଶତ ଆମଦାନୀ ଶୁଳ୍କ ଲାଗୁ କରିଛନ୍ତି ବୋଲି କୃଷିମନ୍ତ୍ରୀ କହିଛନ୍ତି । ଶ୍ରୀ ଚୌହାନ କହିଛନ୍ତି, ଚାଷୀମାନଙ୍କ କଲ୍ୟାଣ ଲାଗି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାକୁ ଅଧିକ ସଶକ୍ତ କରାଯାଉଛି ।  ଜଙ୍ଗଲୀ ପଶୁ ବା ଜଳ ଜମି ରହିବା କାରଣରୁ ହେଉଥିବା ଫସଲ କ୍ଷତିକୁ ମଧ୍ୟ ବୀମାଭୁକ୍ତ କରାଇବା ଉପରେ ସରକାର ଚିନ୍ତା କରୁଛନ୍ତି ବୋଲି ଶ୍ରୀ ଚୌହାନ କହିଛନ୍ତି । ସରକାରଙ୍କଦ୍ୱାରା ଚାଷୀମାନଙ୍କ କଲ୍ୟାଣ

ଲାଗି ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରି ସେ କହିଛନ୍ତି :

*Voice (Chouhan)* :........

## ବୈଷ୍ଣବ – ଆକାଶବାଣୀ

ନୂଆଦିଲ୍ଲୀସ୍ଥିତ ଆକାଶବାଣୀ ମୁଖ୍ୟାଳୟରେ ଆଜି ୭୭ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଗଣମାଧ୍ୟମ ସହିତ ଭାବ ବିନିମୟ କରି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଦେଶବ୍ୟାପୀ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କର ସକାରାତ୍ମକ ଅବଦାନକୁ ଚିହ୍ନଟ କରି ଲୋକଲୋଚନକୁ ଆଣିବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ମନ୍ କୀ ବାତ୍ କାର୍ଯ୍ୟକ୍ରମ ଏକ ଉପଯୁକ୍ତ ମଞ୍ଚ ରୂପେ ଉଭା ହୋଇଛି । ମନ୍ କୀ ବାତ୍ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ଶ୍ରୀ ବୈଷ୍ଣବ କହିଛନ୍ତି :

*Voice (Baishnav on MKB)* :......

ଏହି ସମାରୋହରେ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ୍, ମନ୍ତ୍ରଣାଳୟର ସଚିବ ସଞ୍ଜୟ ଜାଜୁ, ପ୍ରସାର ଭାରତୀର ମୁଖ୍ୟ

କାର୍ଯ୍ୟନିର୍ବାହୀ ଗୌରବ ଦ୍ୱିବେଦୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।

## ଏମ୍.ଆଇ.ବି. - ଟାବ୍ଲ୍ୟୁ

ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ୭୭ତମ ଗଣତନ୍ତ୍ର ଦିବସ ପାଳନ ସମାରୋହରେ ଆଜି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଛି । ଏହାର ବିଷୟବସ୍ତୁ ଥିଲା “ଭାରତ ଗାଥା – ଶ୍ରୁତି, କୀର୍ତ୍ତି ଓ ଦୃଷ୍ଟି” । ପୁରାତନ ଯୁଗରେ କାହାଣୀ କହିବା ପରମ୍ପରାଠୁ ଆରମ୍ଭ କରି ସମସାମୟିକ ଗଣମାଧ୍ୟମ ଓ ସିନେମା ପର୍ଯ୍ୟନ୍ତ ଦେଶର ସାଂସ୍କୃତିକ ବିବର୍ତ୍ତନର ପ୍ରତିଫଳନ ଏହି ପ୍ରଜ୍ଞାପନ ମେଢ଼ରେ ଦେଖିବାକୁ ମିଳିଛି । ଏତଦ୍‌ବ୍ୟତୀତ ଗଣମାଧ୍ୟମ, ମନୋରଞ୍ଜନ, ନବସୃଜନତା ଏବଂ ସାଂସ୍କୃତିକ କୂଟନୀତି କ୍ଷେତ୍ରରେ ୱେଭ୍‌ସ ମାଧ୍ୟମରେ ବିଶ୍ୱସ୍ତରରେ ଭାରତର ନେତୃତ୍ୱ ଉପରେ ମଧ୍ୟ ଏଥିରେ ଆଲୋକପାତ କରାଯାଇଛି ।

ସେହିଭଳି ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ପ୍ରଦର୍ଶନ କରାଯାଇଥିବା ପ୍ରଜ୍ଞାପନ ମେଢ଼ରେ ଆୟୁର୍ବେଦ, ଯୋଗ, ୟୁନାନୀ ଭଳି ଭାରତର ପାରମ୍ପରିକ ଚିକିତ୍ସା ବ୍ୟବସ୍ଥା ସହିତ ଆଧୁନିକ ଜ୍ଞାନକୌଶଳ ଓ ଔଷଧ ପ୍ରୟୋଗ ପ୍ରକ୍ରିୟାର ସମନ୍ୱୟ ସ୍ଥାନ ପାଇଥିଲା । ଏହାର ବିଷୟବସ୍ତୁ ଥିଲା “ଆୟୁଷ୍ କା ତନ୍ତ୍ର –

ସ୍ୱାସ୍ଥ୍ୟ କା ମନ୍ତ୍ର' । ଆତ୍ମନିର୍ଭର ଭାରତ ଏବଂ ଜନକୈନ୍ଦ୍ରିକ ବିକାଶ ଦୃଷ୍ଟିକୋଣ ଆଭିମୁଖ୍ୟ ସହିତ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ଦିଗରେ ଦେଶର ସଭ୍ୟତାଗତ ପ୍ରଗତି ଉପରେ ଆଲୋକପାତ କରାଯାଇଥିଲା ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ଡବ୍ଲ୍ୟୁ.ପି.ଏଲ୍.

ମହିଳା ପ୍ରିମିୟର ଲିଗ୍ କ୍ରିକେଟରେ ଆଜିକାର ମ୍ୟାଚ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ମୁମ୍ବାଇ ଇଣ୍ଡିଆନ୍‌ସକୁ ଆମନ୍ତ୍ରଣ କରିଛି । ଭଦୋଦରାର ବି.ସି.ଏ. ଷ୍ଟାଡିୟମ୍‌ରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଖେଳାଯିବ। ଏପର୍ଯ୍ୟନ୍ତ ଆର୍.ସି.ବି. ୬ଟି ମ୍ୟାଚ୍ ଖେଳି ୫ଟି ବିଜୟ ସହ ୧୦ ପଏଣ୍ଟ ପାଇ ପଏଣ୍ଟ ଟେବୁଲର ଶୀର୍ଷରେ ଥିବା ବେଳେ ମୁମ୍ବାଇ ଇଣ୍ଡିଆନ୍ସ ଦୁଇଟି ବିଜୟ ସହ ୪ ପଏଣ୍ଟ ପାଇ ପଏଣ୍ଟ ଟେବୁଲରେ ଚତୁର୍ଥ ସ୍ଥାନରେ ରହିଛି।

*****